# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23rd January – 2026

**********************************

## ମୁଖ୍ୟ ସମ୍ବାଦ

- ୬୧ ହଜାର ନବନିଯୁକ୍ତଙ୍କୁ ଆସନ୍ତାକାଲି ନିଯୁକ୍ତିପତ୍ର ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ।

- ସାମଗ୍ରିକ ଭାବେ ଦେଶର ଉନ୍ନତି ପାଇଁ କାର୍ଯ୍ୟ କଲେ ନେତାଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ; ପରାକ୍ରମ ଦିବସ ଅବସରରେ କହିଲେ ଉପରାଷ୍ଟ୍ରପତି ।

- ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡା ଦେଶପ୍ରେମର ଏକ ପବିତ୍ର ତୀର୍ଥକ୍ଷେତ୍ର; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ପୁରୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ବିଶ୍ୱ ଓଡ଼ିଆ ସ୍ୱାସ୍ଥ୍ୟ ସଂଘ ସମ୍ମିଳନୀ-୨୦୨୬ ଉଡ୍ଡାଣ-୧ ।

- ପବିତ୍ର ଶ୍ରୀପଞ୍ଚମୀରେ ପୁରୀରେ ରଥକାଠର ହେଲା ଅନୁକୂଳ; ଅକ୍ଷୟ ତୃତୀୟାରେ ଆରମ୍ଭ ହେବ ରଥ ନିର୍ମାଣ ।

ଏବଂ

- ଭୁବନେଶ୍ୱରଠାରେ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ।

***Desk***

# ପି.ଏମ୍. - ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆଭାସୀ ମାଧ୍ୟମରେ ଅଷ୍ଟାଦଶ ରୋଜଗାର ମେଳାରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂସ୍ଥା ପାଇଁ ନୂତନ ଭାବେ ନିଯୁକ୍ତି ପାଇଥିବା ୬୧ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଏହି ଅବସରରେ ସେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଦେଶର ୪୫ଟି ସ୍ଥାନରେ ଏହି ରୋଜଗାର ମେଳାର ଆୟୋଜନ କରାଯାଇଛି ।

ନୂତନ ଭାବେ ନିଯୁକ୍ତି ପ୍ରାପ୍ତ ପ୍ରାର୍ଥୀମାନେ ଗୃହ ବିଭାଗ, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ଆର୍ଥିକ ସେବା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଅନ୍ୟାନ୍ୟ ବିଭାଗରେ ନିଯୁକ୍ତି ପାଇବେ । ରୋଜଗାର ମେଳା ହେଉଛି – ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ ଏବଂ ଦେଶରେ ନିଯୁକ୍ତି ସୃଷ୍ଟି କରିବା ଏହାର ଲକ୍ଷ୍ୟ ରହିଛି । ଏହି ପଦକ୍ଷେପ ଆରମ୍ଭ ହେବା ପରଠାରୁ  ରୋଜଗାର ମେଳା ମାଧ୍ୟମରେ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି ।

*Desk, Cuttack/R*

# ପରାକ୍ରମ ଦିବସ

ଭାରତ ଇତିହାସର ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଜନନେତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଅବସରରେ ଆଜି ଦେଶବ୍ୟାପୀ ପରାକ୍ରମ ଦିବସ ପାଳନ କରାଯାଉଛି ।

ଆଜାଦ୍ ହିନ୍ଦ୍ ଫୌଜର ପ୍ରତିଷ୍ଠାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ୧୮୯୭ ମସିହା ଆଜିର ଦିନରେ କଟକର ଓଡ଼ିଆ ବଜାରଠାରେ ଜନ୍ମଗ୍ରହଣ କରିଥିଲେ । ପଞ୍ଜାବର ଜାଲିୟାଁୱାଲାବାଗ ହତ୍ୟାକାଣ୍ଡ ପରେ ନେତାଜୀ ମର୍ମାହତ ହୋଇ ବିଦେଶରୁ ପାଠପଢ଼ା ଛାଡି ଭାରତକୁ ଫେରିଆସିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ, ବର୍ମା ଏବଂ ମାଲେସିଆରେ ରହୁଥିବା ଭାରତୀୟମାନଙ୍କୁ ଏକତ୍ରିତ କରି ଭାରତୀୟ ସ୍ୱାଧୀନତା ଲିଗ୍ ଗଠନ କରିଥିଲେ ।

ସୁଭାଷ ଚନ୍ଦ୍ର ବୋଷଙ୍କର ଦିଲ୍ଲୀ ଚଲ୍ଲୋ ଆହ୍ୱାନ ସବୁ ଭାରତୀୟଙ୍କ ମନରେ ଇଂରେଜ ବିରୋଧୀ ଲଢ଼େଇ ପାଇଁ ପ୍ରେରଣା ସାଜିଥିଲା ।

କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମପୀଠ ତଥା ସଂଗ୍ରହାଳୟରେ ଆଜି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଯୋଗଦେଇ କହିଛନ୍ତି, ସ୍ୱାଧୀନତା ସଂଗ୍ରାମର ଅମର ନାୟକ ନେତାଜୀ ଆଗାମୀ ଶହଶହ ପିଢ଼ି ପାଇଁ ପ୍ରେରଣା ହୋଇ ରହିବେ । କଟକସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ତଥା ସଂଗ୍ରହାଳୟରୁ ତାଙ୍କ ବିଷୟରେ ବହୁତ କିଛି ସୂଚନା ମିଳିଥାଏ । ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ

ବଳିଦାନ ପାଇଁ ଆଜିର ପିଢ଼ି ସ୍ୱାଧୀନତାର ଅର୍ଥକୁ ହୃଦୟଙ୍ଗମ କରିବାରେ ସକ୍ଷମ ହେଉଛନ୍ତି। ସମସ୍ତେ ସାମଗ୍ରିକ ଭାବେ ଦେଶର ବିକାଶ ପାଇଁ କାର୍ଯ୍ୟ କଲେ ତାହା ନେତାଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଆଗାମୀ ଦିନରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ନେତାଜୀଙ୍କ ଅଦମ୍ୟ ସାହସ, ଦେଶପ୍ରେମ ଏବଂ ଜୟହିନ୍ଦ୍ ମନ୍ତ୍ର ଆଜି ବି ପ୍ରତିଟି ଭାରତୀୟଙ୍କ ହୃଦୟରେ ନୂତନ ଉନ୍ମାଦନା ଭରିଦିଏ । ତାଙ୍କର ଭୂମିକା ସ୍ୱାଧୀନତା ସଂଗ୍ରାମରେ ଅନନ୍ୟ ଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତାଜୀଙ୍କ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ଘୋଷଣା କରି କେବଳ ନେତାଜୀଙ୍କୁ ସମ୍ମାନିତ କରିନାହାନ୍ତି; ବରଂ ଇତିହାସ ପୃଷ୍ଠାରୁ ହଜିଯାଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ମଧ୍ୟ ଏହା ଶ୍ରେଷ୍ଠ ସମ୍ମାନ। ଦେଶ ପାଇଁ ବଞ୍ଚିବା ଓ ମରିବା ନେତାଜୀଙ୍କ ଆଦର୍ଶ ଥିଲା । ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ତାଙ୍କର ଆଦର୍ଶ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି।

***Voice (CM)*** :.........

ଉପରାଷ୍ଟ୍ରପତି ଆଜି କଟକସ୍ଥିତ ନେତାଜୀ ସଂଗ୍ରହାଳୟରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପୋଷ୍ଟାଲ ଗ୍ୟାଲେରୀକୁ ଉଦ୍‌ଘାଟନ କରିଥିଲେ। ଏହାସହ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ସଂସ୍କୃତି ଭବନକୁ ମଧ୍ୟ ଲୋକାର୍ପଣ କରିଥିଲେ। ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ୍

କାର୍ଯ୍ୟକ୍ରମ ଶେଷ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି । ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବାପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ ।

***Boudh/R***

## ନେତାଜୀ ଜୟନ୍ତୀ

ବୌଦ୍ଧ ଜିଲ୍ଲାର ସରକାରୀ ଓ ବେସରକାରୀ ସଙ୍ଗଠନ ପକ୍ଷରୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମର୍ଜାକୁଦ ଛକଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

***Sambalpur/R***

## ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୭ତମ ଜୟନ୍ତୀ ଅବସରରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ତାଙ୍କ ଜନ୍ମସ୍ଥାନ ସମ୍ବଲପୁର ଜିଲ୍ଲା ଖିଣ୍ଡାଠାରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ

କହିଛନ୍ତି, ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଜନ୍ମମାଟି ଖିଣ୍ଡା ଦେଶପ୍ରେମର ଏକ ପବିତ୍ର ତୀର୍ଥକ୍ଷେତ୍ର । ଏହାକୁ ପ୍ରେରଣାର କ୍ଷେତ୍ର କରିବାପାଇଁ ଉଦ୍ୟମ ଜାରି ରହିଛି । ଏହି ମାଟିର ବୀରତ୍ୱ ଗାଥାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାପାଇଁ ଜିଲ୍ଲାର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଖିଣ୍ଡାବାସୀ ବୀରତ୍ୱର ପ୍ରେରଣା ଦେବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଖିଣ୍ଡାଠାରେ ନବନିର୍ମିତ ଗ୍ରାମପଞ୍ଚାୟତ ସ୍ୱାଗତ ତୋରଣ ସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଲୋକାର୍ପଣ କରିଛନ୍ତି । ପରେ ଠେଲକୋଲେଇ ଗ୍ରାମ ପଞ୍ଚାୟତରେ ନବନିର୍ମିତ ଗୋଷ୍ଠୀକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଆଗାମୀ ଦିନରେ ପୋଷଣ ଅଭିଯାନ ଅନ୍ତର୍ଗତ ଜିଲ୍ଲାର ୨ ଲକ୍ଷ ଅଙ୍ଗନଓ୍ୱାଡ଼ି ଓ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ଯତ୍ନ ନେବା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ନଦୀକୂଳର ବିକାଶ, ଗମନାଗମନ ଓ ପାନୀୟ ଜଳର ସୁବିଧା ସହ ଖିଣ୍ଡାରେ ୧ ଲକ୍ଷ ଚାରାରୋପଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

***Desk***

# ସ୍ୱାସ୍ଥ୍ୟସଂଘ ସମ୍ମିଳନୀ

ବିଶ୍ୱ ଓଡ଼ିଆ ସ୍ୱାସ୍ଥ୍ୟ ସଂଘ ସମ୍ମିଳନୀ-୨୦୨୬ ଉଡ଼ାନ-୧ ଆସନ୍ତାକାଲିଠାରୁ ପୁରୀ ପାନ୍ଥ ନିବାସରେ ଆରମ୍ଭ ହେବ । ଏହି ତିନିଦିନିଆ ସମ୍ମିଳନୀରେ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଡାକ୍ତରମାନେ

ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଉନ୍ନତ ଓ ଅତ୍ୟାଧୁନିକ ଚିକିତ୍ସା ସେବାର ଉପଲବ୍ଧ ସମ୍ପର୍କରେ ବିଚାର ବିମର୍ଶ କରି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବେ । ଉଡ଼ାଣ-୧ରେ ରାଜ୍ୟରେ କାର୍ଯ୍ୟରତ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଏବଂ ଡାକ୍ତର ସମୁଦାୟ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷ 'ସେବା ପରମଧର୍ମ' ବାର୍ତ୍ତା ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏଥିରେ ୫ଟି ଦେଶ ଓ ୧୭ଟି ପ୍ରଦେଶର କାର୍ଯ୍ୟରତ ୧୫୦ରୁ ଅଧିକ ଡାକ୍ତର, ପ୍ରଫେସର, ଗବେଷକ ଓ ନୀତି ନିର୍ଦ୍ଧାରକ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***Puri/R***

# ରଥକାଠ ଅନୁକୂଳ

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ଚାଚେରୀ ବେଶ ଅନୁଷ୍ଠିତ ହେଉଛି । ଏହି ବେଶରେ ମହାପ୍ରଭୁଙ୍କୁ ରକ୍ତବର୍ଣ୍ଣର ବସ୍ତ୍ର ଓ ଫୁଲ ଲାଗି ସହ ସୁସଜ୍ଜିତ କରାଯାଇଛି । ରଥଯାତ୍ରାପାଇଁ ପବିତ୍ର ଶ୍ରୀପଞ୍ଚମୀ ଅବସରରେ ଆଜି ପୂଜାର୍ଚ୍ଚନାପୂର୍ବକ ରଥକାଠରେ ଅନୁକୂଳ ହୋଇଯାଇଛି । ପରମ୍ପରା ଅନୁସାରେ ରାଜଗୁରୁ ଓ ଷ୍ଟୋତ୍ରୀୟ ବ୍ରାହ୍ମଣଙ୍କ ଉପସ୍ଥିତିରେ ରଥ ନିର୍ମାଣ ପାଇଁ ଆସିଥିବା କାଠ ମଧ୍ୟରୁ ତିନିଖଣ୍ଡ କାଠକୁ ରଥଖଳାରେ ରୀତିନୀତି ଅନୁସାରେ ପୂଜା କରାଯାଇଛି । ପରେ ମହାପ୍ରଭୁଙ୍କ ମହାର୍ଦ୍ଧ ପ୍ରଦାନ କରାଯାଇଥିଲା । ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି :

***Voice (AP)*** :.........

ଆସନ୍ତା ରାମନବମୀ ତିଥିରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ କରାଯିବାର ବିଧି ରହିଥିବାବେଳେ ଅକ୍ଷୟ ତୃତୀୟା ତିଥିରେ ରଥଖଳାରେ ରଥ ନିର୍ମାଣର ଅନୁକୂଳ ହେବ । ଚଳିତ ବର୍ଷ ପୁରୀରେ ନୟାଗଡ଼-ଦଶପଲ୍ଲା ରେଞ୍ଜ୍‌ରୁ ପ୍ରଥମ ପର୍ଯ୍ୟାୟରେ ୮୩ ଖଣ୍ଡ ଧଉରା ଓ ଅଶନ କାଠ ପହଞ୍ଚିଛି ।

***Desk***

## ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ

ଭୁବନେଶ୍ୱର ମୁକ୍ତେଶ୍ୱର ମନ୍ଦିର ପରିସରରେ ଆଜିଠାରୁ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଯୋଗ ଦେଇଛନ୍ତି।

***Koraput/R***

## ଆଇନ୍‌ଜୀବି ସଂଘ

କୋରାପୁଟ ଜିଲ୍ଲା ଜୟପୁରଠାରେ ଜିଲ୍ଲା କୋର୍ଟ ପରିସରରେ ଆଇନଜୀବୀ ସଂଘର ନବନିର୍ମିତ କୋଠାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ

କରିଛନ୍ତି । ନ୍ୟାୟ ପ୍ରଦାନ ପ୍ରଣାଳୀରେ ଅଧିବକ୍ତାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଜଷ୍ଟିସ୍ ଟଣ୍ଡନ କହିଛନ୍ତି । ଯୁବ ଅଧିବକ୍ତାମାନଙ୍କୁ ଶୃଙ୍ଖଳା ଓ ବୃତ୍ତିଗତ ନୀତିକୁ ଅତୁଟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ହାଇକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ, କୋରାପୁଟ ନ୍ୟାୟମଣ୍ଡଳ ପ୍ରଶାସନିକ ନ୍ୟାୟାଧୀଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

*Nayagarh/R*

## ବନ୍ଦେ ମାତରମ୍

ରାଷ୍ଟ୍ରୀୟ ଗାନ ବନ୍ଦେ ମାତରମର ୧୫୦ତମ ବାର୍ଷିକ ସମାରୋହ ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମ୍‌ଠାରେ ପାଳିତ ହୋଇଯାଇଛି । ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରିବା ସହ ସ୍ୱଦେଶୀ ସଙ୍କଳ୍ପପତ୍ର ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

*Boudh/R*

## ଗଡ଼ଜାତ ଲୋକ ମହୋତ୍ସବ

ବୌଦ୍ଧ ଜିଲ୍ଲା ବୀରନରସିଂହପୁରଠାରେ ଚାଲିଥିବା ନବମ ଗଡ଼ଜାତ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ବିଧାୟକ ସରୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଲୋକକଳା ଓ ସଂସ୍କୃତିର ବିକାଶ ହୋଇପାରିବ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ସମ୍ପଦ କୁମାର ଅଗ୍ରୱାଲ୍‌ଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

*Nuapada/R*

## ପାତାଳଗଙ୍ଗା ଲୋକ ମହୋତ୍ସବ

ନୂଆପଡ଼ା ଜିଲ୍ଲା ବୋଡେନ୍ ବ୍ଲକ୍ ଅନ୍ତର୍ଗତ ପାତାଳଗଙ୍ଗା ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି, ମହୋତ୍ସବ ମାଧ୍ୟମରେ ସାହିତ୍ୟ, ସଂସ୍କୃତି ଓ କଳାକୁ ଉଜ୍ଜୀବିତକରି ରଖାଯାଇପାରିବ । ତୀର୍ଥକ୍ଷେତ୍ରର ବିକାଶପାଇଁ ସାମୂହିକ ଉଦ୍ୟମ ଏବଂ ସେହି ଅଞ୍ଚଳର ଲୋକକଥା, କଳା-ସଂସ୍କୃତି ସହିତ ସଭ୍ୟତାର ବାର୍ତ୍ତାବହ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

*Sonepur/R*

# ଲାଲ୍‌ମନୀ କ୍ରିକେଟ୍ କପ୍

ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ଗାନ୍ଧି ପଡ଼ିଆଠାରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ କପ୍‌ର ଆଜିର ମ୍ୟାଚ୍‌ରେ ଏମ୍.ଏମ୍.ସି.ସି. ସମ୍ବଲପୁର ଦଳ ବିଜୟୀ ହୋଇଛି । ଦିଲ୍ଲୀକୁ ୧୬୩ ରନ୍‌ରେ ପରାସ୍ତ କରି ସମ୍ବଲପୁର ଦଳ ଦ୍ୱିତୀୟ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛି । ଏହି ପ୍ରତିଯୋଗିତା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

******